୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

Vol.27. No.131 Bhubaneswar Thursday July 03 2025 | ୨୭ତମ ବର୍ଷ | ସଂଖ୍ୟା–୧୩୧ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୦୩, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹.50 | (Air Surcharge - 0.50P) | Member-INS

୫ ଲକ୍ଷ ଜମାକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର: ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀମାନେ ଅର୍ଥ ଫେରସ୍ତ ପାଇବେ। ଏଥି ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ ପାଇଁ ମୋହନ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ଏତଦ୍ ?ଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ

୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଆସନ୍ତା ୩-୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଦୀର୍ଘ ୧୦ ବର୍ଷ ମଧ୍ୟରେ କେବଳ ୨,୭୯,୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା।

ବିଏମ୍‌ସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ଛାତିରେ ଯନ୍ତ୍ରଣା, ଚିକିତ୍ସା ଜାରି

ଭୁବନେଶ୍ୱର: ଗତ ସୋମବାର ଦିନର ଆକ୍ରମଣ ଘଟଣାକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିସନର ରତ୍ନାକର ସାହୁ ଆଜି ଅପରାହ୍ଣରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିବାରୁ ଏଭଳି ଆଶଙ୍କା କରାଯାଉଛି। ଛାତି ଯନ୍ତ୍ରଣା ଏବଂ ଯେଉଁଠି ଆକ୍ରମଣ ବେଳେ ଆହତ ହୋଇଥିଲେ ସେହି ଜାଗାରେ ଚିକିତ୍ସା କରାଯାଉଛି। ତଳି ପେଟରେ ବହୁତ୍ ଆଘାତ ଲାଗିଥିବାରୁ ଅସହ୍ୟ ହୋଇପଡ଼ିଛନ୍ତି। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। କାର୍ଯ୍ୟରତ ସମୟରେ ଅଫିସ ଭିତରେ ଅସୁସ୍ଥ ହେବାରୁ ତାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ୍ ନିଆଯାଇଛି।

ଗତକାଲି ଶ୍ରୀ ସାହୁ ଗଣମାଧ୍ୟମକୁ କହିଥିଲେ, ମୋ ବିରୋଧରେ ସ୍ୱଚ୍ଛ ସାଥୀ ଆଣିଥିବା ଅଭିଯୋଗ ଭିତ୍ତିହୀନ। ମୋତେ ଓ ମୋର ବ୍ୟକ୍ତିତ୍ୱକୁ ଲୋକ ଜାଣିଛନ୍ତି। ବହୁ ଲୋକ ମିଥ୍ୟା ଅଭିଯୋଗ ଆଣିବେ। କିନ୍ତୁ ଆଇନ ତା ବାଟରେ କାମ କରିବ। ସୋମବାର ଗ୍ରିଭାନ୍ସ ଥିବାରୁ କାର୍ଯ୍ୟାଳୟରେ ମୁଁ ଗ୍ରୀଭାନ୍ସ ଟେକ୍‌ଅଫ୍ କରୁଥିଲି। କମିସନର ନଥିବାରୁ ମୁଁ ଦାୟିତ୍ୱ ତୁଲାଉଥିଲି। କାମ ସରୁସରୁ କର୍ପୋରେଟର ଜୀବନ ବାବୁ ଆଉ ୫ଜଣ ଅଫିସ ଭିତରକୁ ପଶି ଆସିଲେ। ମୋତେ ଲାଗିଲା ସେମାନେ ଗ୍ରୀଭାନ୍ସ ଦେବେ। ହେଲେ ଜୀବନ ବାବୁ ରୋକଠୋକ୍ ପଚାରିଲେ। ତା' ପରେ ମୋତେ ସମସ୍ତେ ଟାଣି ଟାଣି ଗାଡ଼ି ଭିତରକୁ ନେବାକୁ ବାହାରିଲେ।ସୂଚନାଯୋଗ୍ୟ, ବିଏମ୍‌ସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ଉପରେ ସୋମବାର ବିଏମସି କାର୍ଯ୍ୟାଳୟରେ ହିଁ ପ୍ରାଣାନ୍ତକ ଆକ୍ରମଣ ହୋଇଥିଲା। ସାପ୍ତାହିକ ଜନଶୁଣାଣି ସମୟରେ କିଛି ବ୍ୟକ୍ତି ତାଙ୍କ କାର୍ଯ୍ୟାଳୟକୁ ପଶି ତାଙ୍କୁ ଗାଳିଗୁଲଜ କରିବା ସହ ଶାରୀରିକ ଆକ୍ରମଣ କରିଥିଲେ। ଭାଇରାଲ ଭିଡିଓରେ ଦେଖାଯାଇଛି ଯେ, ଆକ୍ରମଣକାରୀମାନେ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରୁ ଘୋଷାଡ଼ି ବାହାରକୁ ଆଣି ମାଡ଼ ମାରିଥିଲେ। ତାଙ୍କୁ ଲାତ ଓ ମୁଥ ମଧ ମରା ଯାଇଥିଲା। ଆକ୍ରମଣର ଶିକାର ହେଲା ପରେ ଶ୍ରୀ ରତ୍ନାକର ଖାରବେଳ ନଗର ଥାନାରେ ଏକ ଲିଖିତ ଅଭିଯୋଗ ଆଣିଛନ୍ତି। ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରିଛି। ଗତକାଲି ସଂଜୀବ ମିଶ୍ର ଓ ସଚିକାନ୍ତ ସ୍ୱାଇଁନାମରେ ୨ ଜଣ ବ୍ୟକ୍ତି ଗିରଫ ହୋଇଛନ୍ତି। ପୁଲିସ ସୋମବାର ଦିନ ତିନିଜଣ ଅଭିଯୁକ୍ତ (ଜୀବନ ରାଉତ, ରଶ୍ମି ରଞ୍ଜନ ମହାପାତ୍ର ଓ ଦେବାଶିଷ ପ୍ରଧାନ)ଙ୍କୁ ଗିରଫ କରିଥିଲା।

ଶରଧାବାଲି ଦଳଚକଟା ଘଟଣା

ତଦନ୍ତରେ ସହଯୋଗ କରିବେ ୪ ଓଏଏସ୍ ଅଧିକାରୀ

ଭୁବନେଶ୍ୱର: ପୁରୀର ଶରଧାବାଲିରେ ଗତ ରବିବାର ଦିନ ଭୋରରୁ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଉନ୍ନୟନ କମିସନରଙ୍କ ନେତୃତ୍ୱରେ ତଦନ୍ତ ପାଇଁ ଗଠନ କରାଯାଇଥିବା ଏହି କମିଟିରେ ୪ ଜଣ ଓଏଏସ୍ ଅଧିକାରୀଙ୍କୁ ସାମିଲ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ନିର୍ଦ୍ଦେଶନାମା ଜାରି

ହୋଇଛି।ନିର୍ଦ୍ଦେଶନାମାରେ କୁହାଯାଇଛି, ରାଜ୍ୟ ସରକାର ମାନସ ରଂଜନ ସାମଲ, ବିନୟ କୁମାର ଦାଶ, ରଶ୍ମୀ ରଂଜନ ନାୟକ ଓ ପ୍ରଦୀପ କୁମାର ସାହୁଙ୍କୁ ତଦନ୍ତକାରୀ ଟିମ୍‌ରେ ସାମିଲ କରିଛନ୍ତି। ଏହି ୪ଜଣ ଜଣ ଓଏଏସ୍ ଅଧିକାରୀ ପ୍ରତିଦିନ ଉନ୍ନୟନ କମିସନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅପରାହ୍ଣ ୩ଟାରୁ ୫ଟା ଯାଏଁ ତଦନ୍ତ ପାଇଁ ସମୟ ଦେବେ।ଶରଧାବାଲି ଦଳାଚକଟା ପରେ ଏହି ଖବର ପୂରା ଦେଶରେ ଚର୍ଚ୍ଚା ହୋଇଥିଲା। ଜାତୀୟ ଗଣମାଧ୍ୟମରେ ମଧ ଖବର ପ୍ରକାଶ ପାଇଥିଲା। ବିରୋଧୀ ଦଳର ନେତାମାନେ ରାଜ୍ୟ ସରକାରଙ୍କୁ ଘେରିଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ, ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ଏହି ଦୁଃଖଦାୟକ ଘଟଣାରେ ଆହତ ହୋଇଥିବା ସମସ୍ତ ଭକ୍ତଙ୍କ ଆଶୁଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ପାଇଁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଏହାର ମାତ୍ର ଦିନକ ପରେ ପୁଣି ଆଜିର ଅଘଟଣ ଦର୍ଶାଉଛି। ଶ୍ରଦ୍ଧାଳୁଙ୍କ ପାଇଁ ଏକ ଶାନ୍ତି ତଥା ଭାବପୂର୍ଣ୍ଣ ରଥଯାତ୍ରା ସୁନିଶ୍ଚିତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି, ଏହି ଭୟାବହ ଅଘଟଣ ଘଟିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ସେଠାରେ ନଥିଲା; ଯାହା ଦାୟିତ୍ୱରେ ଚରମ ଅବହେଳାକୁ ଦର୍ଶାଉଛି। ତିନି ଜଣ ଶ୍ରଦ୍ଧାଳୁ ମୃତ୍ୟୁ ନେଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁହଁ ଖୋଲିଥିଲେ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ କରି ଏହି ଘଟଣା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। କଂଗ୍ରେସ ସାଂସଦ ରାହୁଲ କହିଥିଲେ, ପୁରୀରେ ରଥଯାତ୍ରା ସମୟରେ ଘଟିଥିବା ଦଳାଚକଟା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଶୋକସନ୍ତପ୍ତ ପରିବାରକୁ ମୁଁ ସମବେଦନା ଜଣାଉଛି ଏବଂ ଆହତ ଶ୍ରଦ୍ଧାଳୁମାନେ ଶୀଘ୍ର ଆରୋଗ୍ୟ କାମନା କରନ୍ତୁ ବୋଲି ଆଶା ରଖୁଛି। ଓଡ଼ିଶା ସରକାରଙ୍କ ଠାରେ ଅପିଲ କରିବାକୁ ଚାହିଁବି, ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରନ୍ତୁ ଏବଂ କଂଗ୍ରେସ କର୍ମକର୍ତ୍ତାଙ୍କ ଠାରୁ ଆଶା କରୁଛି ଯେ, ସେମାନେ ଯଥା ସମ୍ଭବ ସହଯୋଗ କରନ୍ତୁ।

ବିଏମସି ଅଧିକାରୀଙ୍କ ଉପରେ ଆକ୍ରମଣ ମାମଲା

ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଏବଂ କ୍ଷେତ୍ର ଅଧିକାରୀମାନଙ୍କୁ ସୁରକ୍ଷା ଯୋଗାଇବାକୁ ଓଏଏସଏର ଦାବି

ଭୁବନେଶ୍ୱର: ଡ୍ୟୁଟିରେ ଥିବା ସମୟରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (BMC)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ନିର୍ଲଜ୍ଜ ଆକ୍ରମଣକୁ ଦୃଢ଼ ନିନ୍ଦା କରି ଓଡ଼ିଶା ପ୍ରଶାସନିକ ସେବା ସଂଘ (OASA) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛି।ସଂଘ ଏହି ଘଟଣା ଉପରେ ଗଭୀର ଚିନ୍ତା ପ୍ରକାଶ କରିଛି ଏବଂ ଆକ୍ରମଣ ପଛରେ ଥିବା ମୁଖ୍ୟ ଅଭିଯୁକ୍ତ ଏବଂ ବାଦଶାହା ଜଗନ୍ନାଥ ପ୍ରଧାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି। ଏହାକୁ କର୍ତ୍ତବ୍ୟ ପାଳନ ସମୟରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିପଦ ଏବଂ ଦୁର୍ବଳତାର ଏକ ସ୍ପଷ୍ଟ ସ୍ମରଣକାରୀ ଭାବରେ ଉଲ୍ଲେଖ କରି, ସଂଗଠନ ତହସିଲଦାର, ସବ-କଲେକ୍ଟର, BDO ଏବଂ EO

ସମେତ ସମସ୍ତ କ୍ଷେତ୍ରସ୍ତରୀୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ମଧ ଦାବି କରିଛି, ଯାହା ଦ୍ୱାରା ସରକାରୀ କର୍ତ୍ତବ୍ୟ ପାଳନ ସମୟରେ ସେମାନଙ୍କର ସୁରକ୍ଷା ସୁନିଶ୍ଚିତ ହୋଇପାରିବ। 'ଏହି ଘୃଣ୍ୟ କାର୍ଯ୍ୟ ଆମ ସଦସ୍ୟମାନେ କର୍ତ୍ତବ୍ୟ ପାଳନ ସମୟରେ ସମ୍ମୁଖୀନ ହେଉଥିବା ବିପଦ ଏବଂ ଦୁର୍ବଳତାର ଏକ ସ୍ପଷ୍ଟ ସ୍ମରଣ କରାଉଛି। ସ୍ପଷ୍ଟ ଦିବାଲୋକରେ ଘଟିଥିବା ଏହି ଘଟଣା କେବଳ ଜଣେ ଅଧିକାରୀଙ୍କ ଉପରେ ଆକ୍ରମଣ ନୁହେଁ ବରଂ ରାଜ୍ୟରେ ସାର୍ବଜନୀନ ସେବାର ମର୍ଯ୍ୟାଦା ଏବଂ ପବିତ୍ରତା ଉପରେ ଏକ ସିଧାସଳଖ ଆକ୍ରମଣ। ଏପରି ନିର୍ଲଜ୍ଜ କାର୍ଯ୍ୟ ରାଜ୍ୟ ସାରା କାର୍ଯ୍ୟରତ ଅଧିକାରୀଙ୍କ ମନୋବଳକୁ ନଷ୍ଟ କରିଛି, ଯେଉଁମାନେ ଚ୍ୟାଲେଞ୍ଜିଂ ପରିସ୍ଥିତିରେ ଏବଂ ସୀମିତ ସୁରକ୍ଷା ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି। ଆମେ ବିଶ୍ୱାସ କରୁଛୁ ଯେ ଯଦି ଦୃଢ଼ ଏବଂ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଏପରି ଘଟଣା ଏକ ବିପଜ୍ଜନକ ଉଦାହରଣ ସୃଷ୍ଟି କରିପାରେ ଏବଂ ସେବାରେ ଥିବା ଅଧିକାରୀଙ୍କ ଜୀବନ ଏବଂ ସଚ୍ଚୋଟତାକୁ ଆହୁରି ବିପଦରେ ପକାଇପାରେ', ଚିଠିରେ ପଢ଼ିଛି।ଏହା ଜଣାପଡୁଛି ଯେ ସଂଗଠନ ଆଜି ଅପରାହ୍ନ ୩:୩୦ ରେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ନିକଟରେ ସମସ୍ତ ଅଧିକାରୀଙ୍କ ଏକ ସମାବେଶ ଡାକିଛି। ବୈଠକର ଉଦ୍ଦେଶ୍ୟ ହେଉଛି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେମାନଙ୍କ ଚିନ୍ତା ଏବଂ ଦାବି ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରିବା।

ଓଏଏସ୍ ଅଫିସରଙ୍କୁ ମାଡ଼ ଘଟଣାରେ କାହାକୁ ଛଡ଼ା ଯିବନି: ପରିବହନ ମନ୍ତ୍ରୀ

ଭୁବନେଶ୍ୱର: ଓଏଏସ୍ ଅଫିସରଙ୍କୁ ମାଡ଼ ଘଟଣାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବଡ଼ ମନ୍ତବ୍ୟ ଆସିଛି। ଘଟଣା ପଛରେ ଥିବା ମୁଖ୍ୟ ଆସାମୀକୁ ଛଡ଼ା ଯିବନି ବୋଲି ମନ୍ତ୍ରୀ କହିଛନ୍ତି। ଯିଏ ବି ଏ କାଣ୍ଡ କରେଇଛି କାହାକୁ ଛଡ଼ା ଯିବନି। ଅପ୍ରୀତିକର ପରିସ୍ଥିତି ନହେବା କଥା ହୋଇଯାଇଛି। କଲମ ଛାଡ଼ ଆନ୍ଦୋଳନର ସମାଧାନ ଶୀଘ୍ର ହୋଇଯିବ ବୋଲି ମନ୍ତ୍ରୀ କହିଛନ୍ତି।

ତେଲେଙ୍ଗାନା କାରଖାନା ବିସ୍ଫୋରଣରେ ୪୨ ଜଣଙ୍କ ମୃତ୍ୟୁ

୪ ଜଣ ଓଡ଼ିଆ ଶ୍ରମିକ

ଭୁବନେଶ୍ୱର: ତେଲେଙ୍ଗାନାର ସାଙ୍ଗାରେଡ୍ଡି ଜିଲ୍ଲାରେ ସିଗାଚି ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଔଷଧ କାରଖାନାରେ ହୋଇଥିବା ଭୟଙ୍କର ବିସ୍ଫୋରଣରେ ଓଡ଼ିଶାର ଅତି କମରେ ଚାରି ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି, ଯେତେବେଳେ ଅନ୍ୟ ତିନି ଜଣ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି, ରାଜ୍ୟ ଶ୍ରମ ଏବଂ ପରିବାର କଲ୍ୟାଣ ବିଭାଗ ନିଶ୍ଚିତ କରିଛି।ମୃତକଙ୍କ ନାମ ଗଞ୍ଜାମର ଜଗନ ମୋହନ, କଟକର ଡିଗିରିଆର ଲଗ୍ନଜିତ ଦୁଆରୀ, ବାଲେଶ୍ୱରର ମନୋଜ ରାଉତ ଏବଂ ଯାଜପୁରର ଡୋଲାଗୋବିନ୍ଦ ସାହୁ ବୋଲି ଚିହ୍ନଟ କରାଯାଇଛି।ଆହତ ହୋଇଥିବା ଅନ୍ୟ ତିନି ଜଣ ଶ୍ରମିକ ହେଉଛନ୍ତି ଗଞ୍ଜାମର ସମୀର ପାଢ଼ି, ଭଦ୍ରକର ଚନ୍ଦନ କୁମାର ନାୟକ ଏବଂ ନବରଙ୍ଗପୁରର ନୀଳାମ୍ବର ଭଦ୍ରା। ପାଢ଼ି ବର୍ତ୍ତମାନ ମଦିନଗୁଡ଼ାର ପ୍ରାଣାମ ହସ୍ପିଟାଲର ଆଇସିୟୁରେ ଅଛନ୍ତି ଏବଂ ତାଙ୍କର ଶରୀରରେ ୩୫% ପୋଡ଼ିଯାଇଛି ଏବଂ ସେ ବିପଦମୁକ୍ତ ଅଛନ୍ତି। ଅନ୍ୟପକ୍ଷରେ ଚନ୍ଦନ ଏବଂ ନୀଳାମ୍ବରଙ୍କୁ ସାଧାରଣ ୱାର୍ଡରେ ଚିକିତ୍ସା କରାଯାଉଛି। ସେମାନଙ୍କ ଅବସ୍ଥା ସ୍ଥିର ଥିବା କୁହାଯାଇଛି। ଓଡ଼ିଶା ଶ୍ରମ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହା ସୂଚନା ଦିଆଯାଇଛି।ଉଲ୍ଲେଖଯୋଗ୍ୟ, ପଶାମିଲାରାମ ଶିଳ୍ପ ଇଷ୍ଟେଟରେ ଥିବା ସିଗାଚି ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ?ରେ ବିସ୍ଫୋରଣରେ ପ୍ରାୟ ୪୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ଚିନ୍ତିତ ହୋଇ ଓଡ଼ିଶା ସରକାର ଭୂମିସ୍ତରୀୟ ମୂଲ୍ୟାଙ୍କନ ପାଇଁ ଏକ ଦୁଇ ସଦସ୍ୟ ବିଶିଷ୍ଟ ଦଳକୁ ଘଟଣାସ୍ଥଳକୁ ପଠାଇଥିଲେ।ପରିସ୍ଥିତିର ମୂଲ୍ୟାଙ୍କନ ଏବଂ ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ସ୍ଥାପନ ପାଇଁ ପ୍ରୀତିଶ ପଣ୍ଡା (ଓଏସଡି, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ) ଏବଂ ଡକ୍ଟର ଚନ୍ଦ୍ର ଶେଖର ହୋତା (ଓପିଏସ୍)ଙ୍କୁ ନେଇ ଗଠିତ ଦୁଇ ସଦସ୍ୟ ବିଶିଷ୍ଟ ଦଳକୁ ଘଟଣାସ୍ଥଳକୁ ପଠାଯାଇଛି।

ପୁଣି ମାଓ ହିଂସା

ଗ୍ରାମବାସୀଙ୍କୁ ପୁଲିସ ଇନଫର୍ମର ସନ୍ଦେହରେ ହତ୍ୟା

ମାଲକାନଗିରି: କେନ୍ଦ୍ର ଓ ରାଜ୍ୟ ସରକାର ବୃହତ୍ ଯୋଜନା ମାଧ୍ୟମରେ ମାଓବାଦୀଙ୍କ ମୂଳୋତ୍ପାଟନ ପାଇଁ ଯୋଜନା କରୁଛନ୍ତି। କିନ୍ତୁ ମାଓବାଦୀମାନେ ମଝିରେ ମଝିରେ ରକ୍ତପାତ କରୁଛନ୍ତି। ସୁଯୋଗ ପାଇଲେ ପ୍ରଜାକୋର୍ଟ କରି ନୀରିହ ଗ୍ରାମବାସୀଙ୍କୁ ହତ୍ୟା କରିବାକୁ ପଛାଉ ନାହାନ୍ତି। ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ମାଓବାଦୀମାନେ ଏଠାରେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ମାଓବାଦୀମାନେ ପେରମପଲ୍ଲୀ ଗ୍ରାମର ଜଣେ ଗ୍ରାମବାସୀକୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଗତକାଲି ରାତିରେ ସଶସ୍ତ୍ର ନକ୍ସଲ ପେରମପଲ୍ଲୀ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମର କାବାସି ହୁଙ୍ଗା ନାମକ ବ୍ୟକ୍ତିକୁ ଖୋଜିଥିଲେ। ଘର ପାଇବା ପରେ ଘରୁ କାବାସି ହୁଙ୍ଗାକୁ ଟାଣିଟାଣି ଜଂଗଲ ଭିତରକୁ ନେଇ କିଛି ଘଣ୍ଟା ମଧ୍ୟରେ ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିଲେ। ପରେ ଗ୍ରାମବାସୀ ଜଂଗଲରୁ କାବାସି ହୁଙ୍ଗାଙ୍କ ମୃତଦେହ ଉଦ୍ଧାର କରି

ପୁଲିସକୁ ସୂଚନା ପ୍ରଦାନ କରିଥିଲେ। କାବାସି ହୁଙ୍ଗାଙ୍କୁ ନକ୍ସଲମାନେ ପୁଲିସ ଇନଫର୍ମର କହି ଅପହରଣ କରିନେଇ ଜଂଗଲରେ ପ୍ରଥମେ ନିସ୍ଟୁକ ମାଡ଼ ମାରିଥିଲେ। ମାଡ଼ ମାରିବା ପରେ ତାଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲେ। ହତ୍ୟା କରିବା ପରେ ମୃତଦେହକୁ ଜଂଗଲ ନିକଟରେ ଫିଙ୍ଗି ଦେଇ ଚାଲିଯାଇଥିଲେ। ଦୁର୍ଗମ ଗ୍ରାମବାସୀ ଏବେ ଭୟ ଓ ଆତଙ୍କରେ ରହିଛନ୍ତି। ପୁଲିସର ଘନଘନ ଚଢ଼ାଉ ସହ ବଡ଼ବଡ଼ ଏନକାଉଣ୍ଟରରେ କ୍ୟାଡର ନକ୍ସଲଙ୍କର ମୃତ୍ୟୁ ସଂଗଠନକୁ ଦୋହଲାଇ ଦେଇଛି। ତେଣୁ ମାଓବାଦୀ ଏବେ ହିଂସାତ୍ମକ ହୋଇପଡ଼ିଛନ୍ତି। ସୁଯୋଗ ପାଇଲେ ଦୁର୍ଗମ ଗ୍ରାମକୁ ଆସି ପୁଲିସ ସୂଚନାଦାତାଙ୍କୁ ଖୋଜିଖୋଜି ମାଡ଼ ମାରିବା ସହ ହତ୍ୟା କରୁଛନ୍ତି। ଖବର ପାଇ ପୁଲିସ ଓ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା ପରେ

ଜରୁରୀ ସେବାରେ ଯୋଗଦେବେ ଓଆରଏସ୍ ଅଧିକାରୀ

ଭୁବନେଶ୍ୱର: ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇ ଥିବା ଓଏଏସ୍ ସଂଘ ଆନ୍ଦୋଳନକୁ ଜାରି ରଖିଥିବା ବେଳେ ଓଆରଏସ୍ ? ସଂଘ ଏଥିରୁ ସାମୟିକ ଭାବେ ଓହରିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅନୁରୋଧ ରକ୍ଷାକରି ଓଆରଏସ୍ କର୍ମଚାରୀମାନେ ଜରୁରୀକାମରେ ଯୋଗଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଅନୁରୋଧ ଅନୁସାରେ ରଥଯାତ୍ରା ଓ ବନ୍ୟା ଡ୍ୟୁଟି କରିବାକୁ ରାଜି ହୋଇଛନ୍ତି। କିନ୍ତୁ ଅନ୍ୟାନ୍ୟ କ୍ଷେତ୍ରରେ ଦାବି ପୂରଣ ନ ହେବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଓଆରଏସ୍ ସଂଘ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏକ ବୈଠକରେ ଆଲୋଚନା

କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମଧ ଉପସ୍ଥିତ ଥିଲେ। ସମୂହ ଛୁଟିରେ ଥିବା ଓଆରଏସ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବୁଝାଇଥିଲେ। ଓଏଏସ୍ ଅଫିସରଙ୍କୁ ମାଡ଼ ଘଟଣାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବଡ଼ ମନ୍ତବ୍ୟ ଆସିଛି। ଘଟଣା ପଛରେ ଥିବା ମୁଖ୍ୟ ଆସାମୀକୁ ଛଡ଼ା ଯିବନି ବୋଲି ମନ୍ତ୍ରୀ କହିଛନ୍ତି। ଯିଏ ବି ଏ କାଣ୍ଡ କରେଇଛି କାହାକୁ ଛଡ଼ା ଯିବନି। ସମସ୍ତଙ୍କୁ ଗିରଫ କରାଯିବ କାର୍ଯ୍ୟାନୁଷ୍ଠାନ କରାଯିବ। ଏନେଇ ନିର୍ଦ୍ଦେଶ ମୁଖ୍ୟମନ୍ତ୍ରୀ ଦେଇ ସାରିଛନ୍ତି। ଅପ୍ରୀତିକର ପରିସ୍ଥିତି ନହେବା କଥା ହୋଇଯାଇଛି। କଲମ ଛାଡ଼ ଆନ୍ଦୋଳନର ସମାଧାନ ଶୀଘ୍ର ହୋଇଯିବ ବୋଲି ମନ୍ତ୍ରୀ କହିଛନ୍ତି। ରଥଯାତ୍ରାରେ ସୃଷ୍ଟି ହୋଇଥିବା ଦଳଚକଟା ଭଳି ସ୍ଥିତି ନେଇ ରାଜ୍ୟରେ ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ସରକାର ବିରୋଧୀଙ୍କ ଟାର୍ଗେଟରେ ରହିଛନ୍ତି। ସମୀକ୍ଷା ବୈଠକ ଜୋର ହେଉଛି କିନ୍ତୁ କାମ ହେଉନାହିଁ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ସରକାରଙ୍କ ଠାକୁରଙ୍କ ପ୍ରତି ଭକ୍ତି ନାହିଁ, ଲୋକଙ୍କ ପ୍ରତି ଆନ୍ତରିକତା ନାହିଁ। ସରକାର ସୁରକ୍ଷା ଦେଇ ପାରିନାହାନ୍ତି ଫଳରେ ଲୋକେ ପୁରୀକୁ ଆସିବାକୁ ଡରୁଛନ୍ତି ବୋଲି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଥାକୁ କେହି ମାନୁ ନାହାନ୍ତି, ମାନୁଥିଲେ ଏପରି ବିଭ୍ରାଟ ହୋଇନଥାନ୍ତା। କେବଳ ଏସପି କଲେକ୍ଟରଙ୍କ ବଦଳି ନ କରି ବଡ଼ ଅଫିସରଙ୍କ ଉପରେ କାହିଁକି ଆକ୍ସନ ନେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।